## ସଂକ୍ଷେପରେ

### ମୋବାଇଲ ଦୋକାନରୁ ଚୋରି ଘଟଣାରେ ଜଣେ ଗିରଫ

**ଅନୁଗୋଳ ଅଫିସ, ୨୭।୧୨:** ଅନୁଗୋଳ ଥାନା ସମ୍ମୁଖରେ ଥିବା ଏକ ମୋବାଇଲ ଦୋକାନରୁ ଚୋରି ଘଟଣାରେ ପୋଲିସ ସଦର ଥାନା ଅଙ୍ଗାରବନ୍ଧର ଟୁନା ଗୋଚ୍ଛାୟତ (୨୦)ଙ୍କୁ ଗିରଫ କରିଛି। ସିସିଟିଭି ଫୁଟେଜ୍‌ରୁ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିଥିବାବେଳେ ତାଙ୍କର ଅନ୍ୟ ଜଣେ ସହଯୋଗୀ ଫେରାର ଅଛନ୍ତି। ଗତ ୨୦ ତାରିଖରେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଦୁଇ ଅଭିଯୁକ୍ତ ମୋବାଇଲ ଦୋକାନ ଶଟରକୁ ଶାବଳରେ ତାଡ଼ି ବହୁ ମୂଲ୍ୟବାନ ଉପକରଣ ନେଇଯାଇଥିଲେ। ବ୍ୟବସାୟୀ ଆଦର୍ଶ କୁମାର ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ନଂ. ୬୯୧/୨୨ରେ ମାମଲା ରୁଜୁ ହୋଇଥିଲା। ଟୁନା ହନୁମାନବଜାରସ୍ଥିତ ତାଙ୍କ ଶ୍ୱଶୁର ଘରକୁ ଆସିଥିବାବେଳେ ତାଙ୍କ ସହଯୋଗୀଙ୍କ ସହ ମିଶି ଏଭଳି କାଣ୍ଡ ଘଟାଇଥିଲେ। ତାଙ୍କ ନାମରେ ଏଟିଏମ୍‌ରୁ ଟଙ୍କା ଲୁଟ୍ ଭଳି ବହୁ ସଙ୍ଗୀନ ଅଭିଯୋଗ ରହିଥିବା ପୋଲିସ କହିଛି।

### ଦୁର୍ଘଟଣାରେ ସାଇକେଲ ଆରୋହୀ ମୃତ

**ଢେଙ୍କାନାଳ ଅଫିସ,୨୭।୧୨:** ଢେଙ୍କାନାଳ ସହରସ୍ଥିତ ଆନନ୍ଦନଗରଠାରେ ସୋମବାର ଏକ କୋଇଲା ବୋଝେଇ ଟ୍ରକ୍ ଧକ୍କାରେ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ନଡିଆଲୀ ଗ୍ରାମର ପ୍ରକାଶ ଚନ୍ଦ୍ର ସାହୁ (୪୭)ଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଢେଙ୍କାନାଳରୁ ନିଜ କାର୍ଯ୍ୟ ସାରି ସାଇକେଲ୍ ଯୋଗେ ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଟାଉନ ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରିଛି। ଚାଳକଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି।

### ୮ରୁ ସୁବାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ

**ଢେଙ୍କାନାଳ ଅଫିସ,୨୭।୧୨:** ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବେଡାପଡ଼ାସ୍ଥିତ ମା’ ଅନ୍ଧାରୀ କ୍ରିକେଟ କ୍ଲବ ପକ୍ଷରୁ ୧୨ତମ ସୁବାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଜାନୁୟାରୀ ୮ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସମସ୍ତ ମ୍ୟାଚ୍ ୨୫ ଓଭର ବିଶିଷ୍ଟ ହେବ। ଆଇସିସି ନିୟମ ଅନୁଯାୟୀ ମ୍ୟାଚ ଖେଳାଯିବ। ଏହି ପ୍ରତିଯୋଗିତାରେ ସାଇ ଏକାଦଶ ଭୁବନେଶ୍ୱର, ମା’ ବୁଢ଼ୀ କ୍ଲବ ଅନୁଗୋଳ, ୟୁନିୟନ୍ ସ୍ପୋର୍ଟିଂ କଟକ, ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର, ମୁକ୍ତେଶ୍ୱର କ୍ଲବ ଭୁବନେଶ୍ୱର, ୟୁଥ୍ ସ୍ପୋର୍ଟିଂ ତାଳଚେର, ଫେମସ୍ କ୍ଲବ କେନ୍ଦୁଝର, ରାଇଜିଂ ଷ୍ଟୁଡେଣ୍ଟ କଟକ ଆଦି ଦଳ ଭାଗ ନେବେ। ଉଦ୍‌ଘାଟନୀ ମ୍ୟାଚ ସାଇ ଏକାଦଶ ଭୁବନେଶ୍ୱର ଓ ମା’ ବୁଢ଼ୀ କ୍ଲବ ଅନୁଗୋଳ ମଧ୍ୟରେ ଅନୁଷ୍ଠିତ ହେବ। ୧୦ ତାରିଖରେ ପ୍ରଥମ ସେମିଫାଇନାଲ, ୧୩ରେ ଦ୍ୱିତୀୟ ସେମି ଫାଇନାଲ ଓ ୧୫ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

# ୨ ମାସ ହେଲା ଅନ୍ଧାରରେ ବନ୍ଧସାହିବାସୀ

- ବଜ୍ରପାତରେ ଟ୍ରାନ୍ସଫର୍ମର ଅଚଳ
- ସନ୍ଧ୍ୟା ହେଲେ ଘାରୁଛି ହାତୀଭୟ

**ଢେଙ୍କାନାଳ ଅଫିସ,୨୭।୧୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଳାଙ୍ଗ ପଞ୍ଚାୟତ କାଳିକାପ୍ରସାଦ ଗ୍ରାମ ବନ୍ଧସାହି ବାସିନ୍ଦା ଗତ ଦୁଇମାସ ହେବ ଅନ୍ଧାରରେ ରହିଛନ୍ତି। ଫଳରେ ସାହିବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ସାହିବାସୀ କହିଛନ୍ତି, ସାହିରେ ୯ ପରିବାର ପାଇଁ ୨୦୧୭ ମସିହାରେ ବିଜୁଳି ସଂଯୋଗ ଦିଆଯାଇଥିଲା। ତେବେ ଗତ ଅକ୍ଟୋବର ୬ରୁ ଗ୍ରାମରେ ଥିବା ଟ୍ରାନ୍ସଫର୍ମର ବଜ୍ରପାତ ଯୋଗୁ ଅଚଳ ହୋଇପଡିଛି। ଏ ସମ୍ପର୍କରେ ଗ୍ରାମବାସୀ ଗତ ୨୬।୧୦।୨୦୨୨ରେ ନିକଟସ୍ଥ ଭାପୁର ଗ୍ରୀଡ୍‌ର କନିଷ୍ଠ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ଉକ୍ତ ଅଞ୍ଚଳରେ ସନ୍ଧ୍ୟାହେଲେ ହାତୀ ଉପଦ୍ରବ ସ୍ଥାନୀୟ ଅଞ୍ଚଳବାସୀଙ୍କ ନିଦ ହଜାଇ ଦେଇଛି। ହାତୀଙ୍କ ପାଇଁ ଗ୍ରାମବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ତୁରନ୍ତ ଉକ୍ତ ଆଦିବାସୀ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରିବା ସହିତ ସମସ୍ୟାର ସମାଧାନ କରିବା ପାଇଁ ବାବୁଲି ବେହେରା, ଅଖିନ ପଧାନ, ମାଣିକ ପଧାନ, ହଜାରି ପଧାନ, ପ୍ରକାଶ ପଧାନଙ୍କ ସମେତ ଅଞ୍ଚଳବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।


କାଳିକାପ୍ରସାଦ ଗ୍ରାମ ବନ୍ଧସାହିବାସୀ ଜିଲାପାଳଙ୍କ ଦ୍ୱାରସ୍ଥ।

# ଭାଇଜାଗ୍‌କୁ ହରାଇ ସେମିରେ ଭୁବନ

**ଦେବେନ୍ଦ୍ର ମେମୋରିଆଲ କ୍ରିକେଟ୍**

**ଭୁବନ, ୨୭।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ମଙ୍ଗଳବାର ଖେଳାଯାଇଥିବା ୬ଷ୍ଠ ଲିଗ୍ ମ୍ୟାଚ୍‌ରେ ଭାଇଜାଗ୍‌କୁ ହରାଇ ଭୁବନ ସେମିଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ୨୭ ଓଭରରେ ଭାଇଜାଗ୍ ୭ ଉଇକେଟ ହରାଇ ୨୨୯ ରନ୍ ସଂଗ୍ରହ କରିଥିଲ। ପ୍ରୀତିପାଲ ସିଂ ୫୯, ଆର୍. ନରସିଂହା ୫୧ ଏବଂ ଆନନ୍ଦୀ ମହାନ୍ତ ୫୧ ରନ୍ କରିଥିଲେ। ଜବାବରେ ଭୁବନ ୬ ଉଇକେଟ ହରାଇ ମାତ୍ର ଗୋଟିଏ ବଲ୍ ବାକି ଥାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲେ। ମୂଲ୍ୟବାନ ୪୧ ରନ୍ କରିବା ସହ ୨ ଉଇକେଟ ନେଇଥିବା ମୋହନ ସାହୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କୈଳାସ ଚନ୍ଦ୍ର ବେହେରା, ଦ୍ୱିଜେନ୍ଦ୍ର ଘୋଷ ପରିଚାଳନା କରିଥିଲେ। ସୂର୍ଯ୍ୟପ୍ରକାଶ ରାଉତ ଓ ଲକ୍ଷ୍ମଣ ସାହୁ ଧାରା ବିବରଣୀ ଦେଇଥିଲେ। ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ କଟକ ବିଡାନାସୀ ଏବଂ ଭୁବନେଶ୍ୱର କଳିଙ୍ଗ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହେବ।


ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

# ସଂଗ୍ରାମ କେଶରୀଙ୍କୁ ‘ନରହରି ସ୍ମୃତି ସମ୍ମାନ’


ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କୁ ସମ୍ମାନିତ କରାଯାଉଛି।

**ବଇଣ୍ଡା, ୨୭।୧୨(ଡି.ଏନ୍.ଏ.)**

ଅନୁଗୋଳ ଜିଲା କିଶୋରନଗର ହାଇସ୍କୁଲର ଶିକ୍ଷକ ତଥା ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କୁ ‘ଫୁଲ ନରହରି ସ୍ମୃତି ସମ୍ମାନ’ରେ ସମ୍ମାନିତ କରାଯାଇଛି। ‘ଭୁବନେଶ୍ୱର ଏକାମ୍ର ଶିଶୁ ସାହିତ୍ୟ ସଂସଦ’ ପକ୍ଷରୁ ରବିବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଂସଦର ସଭାପତି ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ଶରତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ, ଡ. ମହେଶ୍ୱର ମହାନ୍ତି, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ, ଆକାଶବାଣୀର ପୂର୍ବତନ ନିର୍ଦ୍ଦେଶକ ଡ. କୃତ୍ତିବାସ ନାୟକ, ପୂର୍ବତନ ଅତିରିକ୍ତ ଶିକ୍ଷାଧିକାରୀ ହରିପ୍ରିୟା ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସାହିତ୍ୟିକ ପୃଷ୍ଟିଙ୍କୁ ଅଙ୍ଗବସ୍ତ୍ର, ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

### ଏନ୍‌ଏଚ୍ ପାର୍ଶ୍ୱରେ ମାଟିଗଦା, ବଢୁଛି ଦୁର୍ଘଟଣା

**ପରଜଙ୍ଗ, ୨୭।୧୨(ଡି.ଏନ.ଏ.)**

ପରଜଙ୍ଗ ବ୍ଲକ ବଡ଼ଝରା ଛକ ନିକଟ ୫୩ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମାଟିଗଦା ପାଇଁ ଦୁର୍ଘଟଣା ବଢୁଥିବା ଅଭିଯୋଗ ହେଉଛି। ଅନୁଗୋଳ ଜିଲା କୁଲାଡ଼ ଗ୍ରାମର ସୌମ୍ୟରଞ୍ଜନ ବାରିକ (୨୩) ମଙ୍ଗଳବାର ସନ୍ଧ୍ୟାରେ କାମାକ୍ଷାନଗରକୁ କାମ ସାରି ଘରକୁ ଫେରୁଥିବା ବେଳେ ତାଙ୍କ ସ୍କୁଟି ମାଟିଗଦା ଉପରେ ଚଢ଼ିଯିବାରୁ ସେ ଦୁର୍ଘଟଣାର ଶିକାର ହୋଇଛନ୍ତି। ସ୍ଥାନୀୟ ବାସିନ୍ଦା ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମାଟିଗଦା ପୂର୍ବରୁ କୌଣସି ସତର୍କ ସଙ୍କେତ ନ ଥିବାରୁ ଏଭଳି ଅଘଟଣ ଘଟୁଥିବା ଅଭିଯୋଗ ହେଉଛି। ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଠିକାସଂସ୍ଥାର ଏଭଳି ମନମୁଖି କାର୍ଯ୍ୟକୁ ନିନ୍ଦା କରାଯାଇଛି। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ଖବର ଲେଖାଯିବା ସୁଦ୍ଧା ଆନ୍ଦୋଳନ ଜାରି ରହିଥିବାବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଛି।

# ଭିଏସ୍‌ଏସ୍ ସଭାଗୃହ ଉଦ୍‌ଘାଟିତ

**ବଇଣ୍ଡା, ୨୭।୧୨(ଡି.ଏନ୍.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ବନାଞ୍ଚଳରେ ନବନିର୍ମିତ ବନ ସୁରକ୍ଷା ସମିତି (ଭିଏସ୍‌ଏସ୍)ର ୭ ସଭାଗୃହ ସୋମବାର ଉଦ୍‌ଘାଟିତ ହୋଇଛି। ଚିନ୍ତାମଣିପୁର, ଖଣ୍ଡହତା, ଚମ୍ପାପୁର, ଗୁରୁଜାଙ୍ଗ, ଖଇରମୁଣ୍ଡା, ବାଟି ପୁରୁଣାପାଣି, ସରଭାଙ୍ଗୁଣି ଗ୍ରାମରେ ବନ ବିଭାଗ ସହାୟତାରେ ଏହି ସଭାଗୃହଗୁଡ଼ିକ ନିର୍ମାଣ କରାଯାଇଛି।

ରେଞ୍ଜର ସରୋଜ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଡିଏଫ୍‌ଓ ଏସ୍. ଆନନ୍ଦ ଯୋଗଦେଇ ଜଙ୍ଗଲ ସମ୍ପଦର ସୁରକ୍ଷା ଦିଗରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଫରେଷ୍ଟର ଶୁଭେନ୍ଦୁ କୁମାର ପ୍ରଧାନ, ଲିଙ୍ଗରାଜ ବେହେରା, ରତ୍ନାକର ସାହୁ, ଫରେଷ୍ଟଗାର୍ଡ ରିଙ୍କିବାଳା ପ୍ରଧାନ, ଲୋପାମୁଦ୍ରା ସାହୁ, ବନ ସୁରକ୍ଷା ସମିତି ସଭାପତିଅନନ୍ତପ୍ରଧାନ, କିଶୋରପ୍ରଧାନ, ଗୌର ଚନ୍ଦ୍ର ସାହୁ, ନିରାକାର ପ୍ରଧାନ, ନିରଞ୍ଜନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ବନ ବିଭାଗ ଅଧିକାରୀଙ୍କ ସମେତ ଅନ୍ୟମାନେ।

# ଶ୍ରୀକ୍ଷେତ୍ର ଗଲା ଜଗନ୍ନାଥ ନାମ ସଂକୀର୍ତ୍ତନ ଦଳ

**ଢେଙ୍କାନାଳ ଅଫିସ,୨୭।୧୨**

ଢେଙ୍କାନାଳ ରେଳ ଷ୍ଟେଶନ୍‌ରୁ ରେଳ ଯୋଗେ ମଙ୍ଗଳବାର ୮ ନାମ ସଂକୀର୍ତ୍ତନ ଦଳ ଜିଲା ସଭାପତି ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନେତୃତ୍ୱରେ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା କରିଛନ୍ତି। ରାଜ୍ୟ ସଭାପତି ବିପ୍ରବର ସାହୁ ଆଧାତ୍ମିକ ପତାକା ଦେଖାଇ ଯାତ୍ରା ଶୁଭ ଉଦ୍‌ଘାଟନ କରିଥିଲେ। ବିଶ୍ୱରେ ଶାନ୍ତି ପତିଷ୍ଠା ଉଦ୍ଦେଶ୍ୟରେ ନାମ ସଂକୀର୍ତ୍ତନ ମହାମନ୍ତ୍ର ଏକମାତ୍ର ଉପାୟ। ଘରେ ଘରେ ଜଗନ୍ନାଥ ମହାପ୍ରଭୁଙ୍କ ନାମ ପ୍ରଚାର ନିମନ୍ତେ ସଂକୀର୍ତ୍ତନ ମାଧ୍ୟମରେ ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ରରୁ କାର୍ଯ୍ୟକ୍ରମ ଆରମ୍ଭ ହେବ। ଜିଲା ସଭାପତି ସମସ୍ତଙ୍କୁ ଭାଗବତ୍ ଗୀତା ପ୍ରଦାନ କରିଥିଲେ।



ଜଗନ୍ନାଥ ନାମ ସଂକୀର୍ତ୍ତନ ଦଳର ଶ୍ରୀକ୍ଷେତ୍ର ଯାତ୍ରା।

### ଭାଗବତ ପାରାୟଣ

**ଢେଙ୍କାନାଳ ଅଫିସ,୨୭।୧୨**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଝିଲୀ ଗ୍ରାମରେ ଗତ ୨୫ ତାରିଖରୁ ଭାଗବତ ସପ୍ତାହ ଆରମ୍ଭ ହୋଇଛି। ଏହା ୩୧ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ଭାଗବତ ପାରାୟଣ ଓ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା। ସେହିପରି କଳସଯାତ୍ରା, ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଗୋପୂଜା, ଯଜ୍ଞ, ଦେବଦେବୀଙ୍କ ଆବାହନ ଓ ଘୃତାହୁତି କାର୍ଯ୍ୟକ୍ରମ ହୋଇଥିଲା। ପ୍ରବକ୍ତା ଭାବେ ଅନନ୍ତ ଆଶ୍ରମ ନାଗେନା ମଠର ବ୍ରହ୍ମଚାରୀ ସତ୍ୟଚୈତନ୍ୟ ମହାରାଜ ଯୋଗଦେଇ ପ୍ରବଚନ ଦେଉଛନ୍ତି। ପ୍ରତ୍ୟେହ ନାମ ସଂକୀର୍ତ୍ତନ ପରିବେଷଣ ହେଉଛି। କଳା ସଂସ୍କୃତି ସଂଘ ଗଁଦିଆ ବ୍ଲକ ଉପସଭାପତି କପିଳେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ନାରାୟଣ ମହାନ୍ତ, ଶରତ ବାରିକ, ସନାତନ ସାହୁ, ଅଥାନି ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି

**କଣିହାଁ, ୨୭।୧୨(ଡି.ଏନ୍.ଏ.)**

କଣିହାଁସ୍ଥିତ ପବିତ୍ରମୋହନ ସଭାଗୃହରେ ମଙ୍ଗଳବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସମ୍ପର୍କିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଳଚେର ଉପଜିଲାପାଳ ବିଶ୍ୱମୋହନ ରଥ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ବିଡିଓ ନିଶାନ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭସ୍ମିତା ନାଥ, ଦୀପ୍ତିରେଖା ସ୍ୱାଇଁ, ପ୍ରମୁଖ ଉପସ୍ଥିତ ଥିଲେ। ଜବକାର୍ଡଧାରୀଙ୍କୁ କର୍ମନିୟୋଜନ ଯୋଗାଇ ଅଧିକ ଶ୍ରମଦିବସ ସୃଷ୍ଟି କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସ୍ୱଚ୍ଛତା ରକ୍ଷା ସମେତ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ପ୍ରସ୍ତାବ ଗୃହୀତ ହୋଇଥିଲା। ହିତାଧିକାରୀ କିପରି ଉପକୃତ ପାଇପାରିବେ ସେଥିପ୍ରତିଧ୍ୟାନ ଦେବା ଲାଗି ଉପଜିଲାପାଳ ପରାମର୍ଶ ଦେଇଥିଲେ।


ବୈଠକରେ ଉପଜିଲାପାଳ, ବ୍ଲକ ଅଧ୍ୟକ୍ଷ, ବିଡିଓଙ୍କ ସମେତ ଅନ୍ୟମାନେ।

# ଶିକ୍ଷା ବିକାଶ ଉଦ୍ୟମକୁ ପ୍ରଶଂସା

**ଢେଙ୍କାନାଳ ଅଫିସ, ୨୭।୧୨**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଅଶ୍ୱଖୋଲାସ୍ଥିତ ଧନେଶ୍ୱର ଜନଜାତି ଆବାସିକ ପ୍ରାଥମିକ ବିଦ୍ୟାଳୟ ଏବଂ ସଂଗ୍ରାମ ଅନୁସୂଚିତ ଜନଜାତି ପ୍ରାଥମିକ ବିଦ୍ୟାଳୟରେ ଦୁଇଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ସମ୍ମାନିତ ଅତିଥି ବିଡିଓ ଆଶିଷ ରଞ୍ଜନ ସାହୁ, ଜିଲା ପରିଷଦ ସଦସ୍ୟ ବିଶ୍ୱନାଥ ଚିନ୍ନରା, ସରପଞ୍ଚ ସୌଭାଗିନୀ ବେହେରା, ସମିତିସଭ୍ୟା ସସ୍ମିତା ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ଗ୍ରାମାଞ୍ଚଳରେ ଦଳିତ, ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କ ଶିକ୍ଷାର ବିକାଶରେ ଜାରି ରହିଥିବା ଏଭଳି ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଗୋପାଳ ମାରାଣ୍ଡି, ଗୁରୁବାରି ଅଲଡ଼ା, ସଜେନ ହେମ୍ବ୍ରମ, ପରମେଶ୍ୱର ମୁଣ୍ଡ, ମୀରା ମଲ୍ଲିକଙ୍କୁ ପୁରସ୍କୃତ କରାଯାଇଥିଲା। ‘ଐରା’ର ନିର୍ଦ୍ଦେଶକ ଡ. ସୁରେଶ ପଣ୍ଡା, ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପଣ୍ଡା ଉପସ୍ଥିତ ଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ନରେଶ କୁମାର ସାହୁ, ବିଜୟ ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।


ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

### ୪୪ ବର୍ଷ ପରେ ଜନତା କଲେଜକୁ ନାକ୍ ମାନ୍ୟତା

**ଢେଙ୍କାନାଳ ଅଫିସ,୨୭।୧୨**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟକୁ ନାକ୍ ପକ୍ଷରୁ ମିଳିଛି ‘ବି–ପ୍ଲସ୍’ ମାନ୍ୟତା। ଏ ନେଇ ମଙ୍ଗଳବାର କଲେଜ ଅଧ୍ୟକ୍ଷ ସୁଧାଂଶୁ ବେହେରା ସୂଚନା ଦେଇଛନ୍ତି। ଗତ ୧୯ ଓ ୨୦ ତାରିଖ ଦୁଇଦିନ ଧରି ନାକ୍‌ର ୩ ଜଣିଆ ପ୍ରତିନିଧି ଦଳ ବିଭିନ୍ନ ଦିଗ ପ୍ରତି ଅନୁଧ୍ୟାନ କରିବା ପରେ ଏହି ମାନ୍ୟତା ପ୍ରଦାନ କରିଛନ୍ତି। ଦୀର୍ଘ ୪୪ବର୍ଷ ପରେ କଲେଜ ଏହି ମାନ୍ୟତା ପାଇଥିବାରୁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି। କଲେଜକୁ ନାକ୍ ମାନ୍ୟତା ଦେବାରେ ଅଧ୍ୟକ୍ଷ ବେହେରାଙ୍କ ବହୁ ଅବଦାନ ରହିଛି। ଆଲୁମନି ଆସୋସିଏଶନର ସଭାପତି ରତିକାନ୍ତ ଗଡ଼ନାୟକ, ସମ୍ପାଦକ ଦିଲୀପ କୁମାର ଦାସ, ପୁରାତନ ଛାତ୍ର ସଙ୍ଗଠନ କର୍ମକର୍ତ୍ତା, କଲେଜ ପରିଚାଳନା କମିଟି, ଆଲୁମ୍‌ନି ଆସୋସିଏଶନର ସଭ୍ୟ ଓ ଛାତ୍ରୀଛାତ୍ରମାନେ ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଖାଦ୍ୟ ଥାଳିରେ ସାମିଲ ହେଉ ମାଣ୍ଡିଆ

**ଢେଙ୍କାନାଳ ଅଫିସ,୨୭।୧୨**

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ମିଲେଟ୍ ମିଶନ ଏବଂ ସ୍ୱେଚ୍ଛାସେବୀ ସଂସ୍ଥା ‘ଇଡିଅଟ୍’ ପକ୍ଷରୁ ମଙ୍ଗଳବାର ମାଣ୍ଡିଆ ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଖାଦ୍ୟ ଥାଳିରେ ମାଣ୍ଡିଆର ବହୁଳ ବ୍ୟବହାର ହେବା ଜରୁରୀ। ଏଥିରେ ଅନେକ ରୋଗ ପ୍ରତିରୋଧକ ଶକ୍ତି ରହୁଥିବାରୁ ସାଧାରଣରେ ଜନସଚେତନତା ସୃଷ୍ଟି ପାଇଁ ଏହି ସଚେତନତା ରଥ ବାହାରିଥିବା ଅମିତାଭ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଡିଓ ମନ୍ମଥ କୁମାର ନାୟକ ଯୋଗଦେଇ ମାଣ୍ଡିଆ ଚାଷ ଓ ଚାଷୀଙ୍କ ସମସ୍ୟା ଉପସ୍ଥାପନା କରିଥିଲେ। ଗୋଷ୍ଠୀ କୃଷି ଅଧିକାରୀ ବିଭୁଦତ୍ତ ସାହୁ, ‘ଆତ୍ମା’ର ବ୍ଲକ୍ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ବିଟିଏମ୍ ଦେବାଶିଷ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଓଡିଶା ମିଲେଟ ମିଶନ୍‌ର କର୍ମଚାରୀ, ସ୍ୱେଚ୍ଛାସେବୀ ସଂସ୍ଥା ଇଡିଅଟ୍‌ର କର୍ମକର୍ତ୍ତା ଉପସ୍ଥିତ ଥିଲେ।


ମୁଖ୍ୟ ଅତିଥି ମାଣ୍ଡିଆ ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ମାର୍‌ପିଟ ଘଟଣା: ୩ ଅଭିଯୁକ୍ତ କୋର୍ଟଚାଲାଣ

**କଣିହାଁ, ୨୭।୧୨(ଡି.ଏନ୍.ଏ.):** ଏକ ମାରପିଟ ଘଟଣାରେ କଣିହାଁ ବ୍ଲକ ସମଲ ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଆଇଆଇସି ଯାଜ୍ଞସେନୀ ପ୍ରଧାନଙ୍କ ସୂଚନା ଅନୁଯାୟୀ, ଗତ ୮ ତାରିଖରେ ବିଲିଣ୍ଡା ଗ୍ରାମରେ ଗଣ୍ଡଗୋଳ ହୋଇଥିଲା। ଗ୍ରାମର କେତେଜଣ ବ୍ୟକ୍ତି ଇମ୍ରାନ୍ ଖାନ୍ ନାମକ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିଲେ। ପୀଡ଼ିତଙ୍କ ମା' ଲାବଣ୍ୟ ଗୋଛାୟତ ଏ ନେଇ ୧୯ ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ଠୁରୁ ଗୋଛାୟତ, ଲୁଲୁ ଗୋଛାୟତ, ଡିବନ ଗୋଛାୟତଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

### ମରଣାନ୍ତକ ଆକ୍ରମଣ, ୨ ଗିରଫ

**ଅନୁଗୋଳ ଅଫିସ, ୨୭।୧୨:** ଜଣେ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଅନୁଗୋଳ ସଦର ଥାନା ପୋଲିସ ପ୍ରଗତିନଗର ଅଞ୍ଚଳର ସନ୍ତୋଷ ପ୍ରଧାନ (୩୮) ଓ ତାଙ୍କ ଭାଇ ବସନ୍ତ ପ୍ରଧାନ (୩୬)ଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ମାରଣାସ୍ତ୍ର ଜବତ କରାଯାଇଥିବା ଥାନାଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି। ପ୍ରଗତିନଗର ଗାଣ୍ଡୁପଡ଼ିଆରେ ରହୁଥିବା ଚମ୍ପେଶ୍ୱର ମିର୍ଦ୍ଧା ଓ ସନ୍ତୋଷ ପ୍ରଧାନଙ୍କ ପରିବାର ମଧ୍ୟରେ ଘୁଷୁରି ବ୍ୟବସାୟକୁ ନେଇ ବିବାଦ ଲାଗି ରହିଥିଲା। ସୋମବାର ସନ୍ତୋଷ ଓ ବସନ୍ତ ମିଳିତ ଭାବେ ଚମ୍ପେଶ୍ୱର ଏବଂ ତାଙ୍କ ସ୍ତ୍ରୀ ଶାନ୍ତିଙ୍କୁ ଆକ୍ରମଣ କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ଶାନ୍ତିଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଚମ୍ପେଶ୍ୱରଙ୍କ ପୁଅ କହ୍ନେଇଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି।

### ୨ ପରିବାର ମଧ୍ୟରେ ସଂଘର୍ଷ, ୨ ଗିରଫ

**ଛେଣ୍ଡିପଦା,୨୭।୧୨(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପାତ୍ରପଡା ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ଏଥିରେ ୨ ମହିଳା ଗୁରୁତର ହୋଇଛନ୍ତି। ଏ ନେଇ ଥାନାରେ ପୃଥକ୍ ମାମଲା ରୁଜୁ ହୋଇଥିବାବେଳେ ପୋଲିସ ଶୁକଦେବ ବେହେରାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ଏବଂ ଖଞ୍ଜୁ ମୁଖିଙ୍କ ସ୍ତ୍ରୀ କିଆଙ୍କୁ ଗିରଫ କରିଛି। ଶୁକଦେବଙ୍କ ସହ ଖଞ୍ଜୁଙ୍କ ଶତ୍ରୁତା ଲାଗି ରହିଥିଲା। ସୋମବାର ଉଭୟଙ୍କ ମଧ୍ୟରେ ବଚସା ହୋଇ ଉଗ୍ରରୂପ ନେଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ କିଆ ଏକ ଟାଙ୍ଗିଆରେ ଜ୍ୟୋତ୍ସ୍ନାରାଣୀଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଛେଣ୍ଡିପଦା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅନ୍ୟପଟେ ଜ୍ୟୋତ୍ସ୍ନାରାଣୀ ଠେଙ୍ଗାରେ ପିଟି କିଆଙ୍କ ମୁଣ୍ଡ ଫଟାଇ ଦେଇଥିବା ପାଲଟା ଅଭିଯୋଗ ହୋଇଛି। ଏସ୍‌ଆଇ ରାଜେଶ ଶତପଥୀ ଘଟଣାର ତଦନ୍ତ କରୁଛନ୍ତି।

# ଦିନକ ପରେ ମୁଖ୍ୟମନ୍ତ୍ରୀଙ୍କ ଅନୁଗୋଳ ଗସ୍ତ

- ୧,୪୯୨ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ କରିବେ
- ଲୋକାର୍ପଣ ହେବ ୩୧୩ କୋଟିର ଉନ୍ନୟନ ପ୍ରକଳ୍ପ

**ଅନୁଗୋଳ ଅଫିସ, ୨୭।୧୨**


ଲୋକାର୍ପଣ ଅପେକ୍ଷାରେ ଅତ୍ୟାଧୁନିକ ବସ୍ ଟର୍ମିନାଲ।

ଆସନ୍ତା ୨୯ ତାରିଖ (ଗୁରୁବାର)ରେ ଅନୁଗୋଳ ଜିଲା ଗସ୍ତରେ ଆସୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହା ସରକାରୀ କାର୍ଯ୍ୟକ୍ରମ ହୋଇଥିବାବେଳେ ଏହି ଅବସରରେ ସେ ୧,୪୯୨ କୋଟି ଟଙ୍କା ବ୍ୟୟରେ ପ୍ରସ୍ତାବିତ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ବହୁ ପ୍ରତୀକ୍ଷିତ ବସ୍‌ଷ୍ଟାଣ୍ଡ ସମେତ ୩୧୩ କୋଟି ଟଙ୍କାରେ ନିର୍ମାଣ କରାଯାଇଥିବା ପ୍ରକଳ୍ପର ଲୋକାର୍ପଣ ହେବ। ଅନୁଗୋଳ ଷ୍ଟାଡିୟମ୍‌ରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବାବେଳେ ପ୍ରଶାସନ ପକ୍ଷରୁ ମଞ୍ଚରୁ ହେଲିପ୍ୟାଡ୍ ଯାଏ ଜୋର୍‌ଦାର ପ୍ରସ୍ତୁତି ଚାଲିଛି।

ମୁଖ୍ୟମନ୍ତ୍ରୀ ବିଭିନ୍ନ ବର୍ଗର ହିତାଧିକାରୀ ୨୪୨ କୋଟିର ଋଣ ପ୍ରଦାନ କରିବେ। ଏଥିସହ ତାଳଚେର ହେଲ୍‌ଥ କରିଡର, ଇଣ୍ଟିଗ୍ରେଟ୍ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସିଷ୍ଟମ, ପାଲଲହଡ଼ାର ୩୦ ଶଯ୍ୟା ବିଶିଷ୍ଟ ଏମ୍‌ସିଏଚ୍ ବିଲ୍ଡିଂ, ଆଠମଲ୍ଲିକ ବ୍ଲକରେ ବିଭିନ୍ନ ମେଗା ଜଳସେଚନ ପ୍ରକଳ୍ପ ଉଦ୍‌ଘାଟନ କରିବେ। ଏଥିସହ ଅନୁଗୋଳ, ବଣ୍ଣରପାଳ ବ୍ଲକର ୩୦ ପଞ୍ଚାୟତକୁ ପାଇପ ପାଣି ଯୋଗାଣ, ବ୍ରାହ୍ମଣୀ ବ୍ରିଜ୍, ବ୍ରାହ୍ମଣୀ ସେତୁ ଉପରେ ଆଇଆଇଏସ୍, ୫୬୬ ବିଦ୍ୟାଳୟର ଉନ୍ନତୀକରଣ, ୮ଟି ଯୁକ୍ତ୨ ମହାବିଦ୍ୟାଳୟର ରୂପାନ୍ତରଣ, ଅନୁଗୋଳ ଓ ତାଳଚେର ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ କରିବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ନେଇ ଦଳୀୟ କର୍ମୀମାନେ ଉତ୍ସାହିତ ହୋଇପଡ଼ିଛନ୍ତି। ନବୀନଙ୍କ ଫଟୋ, ପୋଷ୍ଟର, ବିଜେଡି ପତାକାରେ ସହର ଛାଇଯାଇଛି।

ଅନ୍ୟପଟେ ଉକ୍ତ ଦିନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କୋଇଲା ମନ୍ତ୍ରୀ ପ୍ରହଲ୍ଲାଦ ଜୋଷୀଙ୍କ ମଧ୍ୟ ଗସ୍ତ କାର୍ଯ୍ୟକ୍ରମ ରହିଛି। ୩ କେନ୍ଦ୍ରମନ୍ତ୍ରୀ ନୂତନ ରେଳ ଲାଇନ୍, ନୂତନ ଟ୍ରେନ୍ ଶୁଭାରମ୍ଭ, ରାଣୀଗୁଡ଼ା କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗଦେବେ। ଗୋଟିଏ ଦିନରେ ମୁଖ୍ୟମନ୍ତ୍ରୀ ଏବଂ ୩ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ଟା ୫୦ରେ ଥିବାବେଳେ ଏହା ପରେ କେନ୍ଦ୍ରମନ୍ତ୍ରୀମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଉଦ୍‌ଘାଟିତ ହେବ ଅତ୍ୟାଧୁନିକ ବସ୍ ଟର୍ମିନାଲ

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଲୋକାର୍ପଣ ହେବାକୁ ଥିବା ଅତ୍ୟାଧୁନିକ ବସ୍ ଟର୍ମିନାଲ ପୁଣି ଚର୍ଚ୍ଚାକୁ ଆସିଛି। ଅନୁଗୋଳରେ ଏହି ବସ୍ ଟର୍ମିନାଲ ପାଇଁ ୨୦୧୧ ଜୁଲାଇ ୧୩ରେ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏଥିଲାଗି ୨୦୧୨ ଏପ୍ରିଲ ୯ରେ ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ (ତାମଡା) ସହ ମିଳନ ଡେଭଲପର୍ସ ଆଣ୍ଡ ବିଲଡର୍ସ ପ୍ରାଇଭେଟ ଲିମିଟେଡ୍ ଓ ଅନୁଗୋଳ ବସ୍ ଟର୍ମିନାଲ କମ୍ପାନୀ ପ୍ରାଇଭେଟ ଲିମିଟେଡ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ୨୦୧୩ ଜୁନ୍ ୨୮ରେ ମୁଖ୍ୟମନ୍ତ୍ରୀ ଏହାର ଭୂମିପୂଜା କରିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୪.୯୫ କୋଟି ଅଟକଳରେ ୨ ବର୍ଷ ମଧ୍ୟରେ ଟର୍ମିନାଲ କାମ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ତେବେ ବିଭିନ୍ନ ସମସ୍ୟା, କରୋନା ପାଇଁ ଏଥିଲାଗି ୯ ବର୍ଷ ଲାଗି ଯାଇଥିଲା। ବ୍ୟୟ ଅଟକଳ ବଢ଼ି ୪୦ କୋଟି ଛୁଇଁଥିଲା। ନବନିର୍ମିତ ବସ୍ ଟର୍ମିନାଲରେ ବିମାନବନ୍ଦର ଭଳି ଯାତ୍ରୀ ସୁବିଧା ପାଇପାରିବେ। ଏଠାରେ ପାର୍କିଂ, ୧୪ ବଡ଼ ଏବଂ ୧୨ଟି ଛୋଟ ଦୋକାନ ନିର୍ମାଣ କରାଯାଇଥିବାବେଳେ ଚା' କଫିଠାରୁ ଆରମ୍ଭ କରି ରେଷ୍ଟୁରାଣ୍ଟ, ମେଡିସିନ ସୁବିଧା ମଧ୍ୟ ଉପଲବ୍ଧ ହେବ। ଡିଜିଟାଲ ଟାଇମ୍‌ଟେବୁଲ ବ୍ୟବସ୍ଥା ସହ ଟିକେଟ୍ ପାଇଁ ୬ଟି କାଉଣ୍ଟର ରହିଛି। ଟର୍ମିନାଲରେ ୩୩ ବସ୍ ରହିବା ସୁବିଧା ଥିବାବେଳେ ୩୫୦ ଯାତ୍ରୀଙ୍କ ପାଇଁ ବିଶ୍ରାମ ଗୃହ, ଭିଆଇପି ଗେଷ୍ଟ ହାଉସ, କ୍ଲକ ରୁମ୍, ଏଟିଏମ୍, ବେବି ଫିଡିଙ୍ଗ ରୁମ୍, ଶୌଚାଳୟ, ମନୋରଞ୍ଜନ, ଫାଣ୍ଡି ଆଦି ବ୍ୟବସ୍ଥା କରାଯାଇଛି। ଟର୍ମିନାଲ ଉଦ୍‌ଘାଟନ ହେବା ପରେ ୬ଟି ରୁଟ୍‌ରେ ପ୍ରଥମେ ବସ୍ ଗଡ଼ିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ରାଜପଥରେ ଓଲଟିଲା କୋଇଲା ବୋଝେଇ ଟ୍ରକ୍

**ଛେଣ୍ଡିପଦା, ୨୭।୧୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଜରପଡ଼ା ଥାନା ଦେଇ ଯାଇଥିବା ଅନୁଗୋଳ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର କତଡ଼ା ଛକରେ ସୋମବାର ବିଳମ୍ବିତ ରାତିରେ ଏକ କୋଇଲା ବୋଝେଇ ଟ୍ରକ୍ (ନଂ. ଓଡ଼ି ୨୯ ଇ ୩୫୨୨) ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ ଚାଳକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଜରପଡା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

### ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

**ବଇଣ୍ଡା, ୨୭।୧୨ (ଡି.ଏନ୍.ଏ.)**


ପୀତାମ୍ବର ସାହୁ

କିଶୋରନଗର ବ୍ଲକ ବଇଣ୍ଡା କଦଳୀମୁଣ୍ଡା ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପୀତାମ୍ବର ସାହୁ (୬୫)ଙ୍କ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ତାଙ୍କ ଦେହାନ୍ତ ସୂଚନା ମିଳିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଉପଜିଲାପାଳଙ୍କ ମାନବିକତା
# ଦୁର୍ଘଟଣାଗ୍ରସ୍ତଙ୍କ କରାଇଲେ ଚିକିତ୍ସା

**ଅନୁଗୋଳ ଅଫିସ, ୨୭।୧୨**


ଦୁର୍ଘଟଣାଗ୍ରସ୍ତଙ୍କୁ ଉପଜିଲାପାଳ ମେଡିକାଲକୁ ନେଇ ଚିକିତ୍ସା ବ୍ୟବସ୍ଥା କରାଉଛନ୍ତି।

ରାସ୍ତାରେ ଛଟପଟ ହେଉଥିବା ୬ ଦୁର୍ଘଟଣାଗ୍ରସ୍ତଙ୍କୁ ଚିକିତ୍ସା କରାଇ ମାନବିକତାର ପରିଚୟ ଦେଇଛନ୍ତି ଅନୁଗୋଳ ଉପଜିଲାପାଳ ବୈଦୁରା ଦୀପ। ଜିଲା ପ୍ରଶାସନ ଜଣେ ପଦସ୍ଥ ଅଧିକାରୀଙ୍କ ଏଭଳି କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିବ ବୋଲି ଆଲୋଚନା ହେଉଛି।

ସୂଚନାଯୋଗ୍ୟ, ବଡ଼କେରାରୁ ଅନୁଗୋଳ ଆସୁଥିବା ଏକ ଅଟୋରିକ୍ସା ସମ୍ମୁଖକୁ ଷଣ୍ଢ ଚାଲି ଆସିବାରୁ ଗାଡ଼ି ଓଲଟି ପଡ଼ିଥିଲା। ଏଥିରେ ବଡ଼କେରା ଅଞ୍ଚଳର ସେବତୀ ସାହୁ (୪୦), ଲକ୍ଷ୍ମୀପ୍ରିୟା ବେହେରା(୪୦), ମୁଷାପାପୁଲି ଅଞ୍ଚଳର ଜିତାରାଣୀ ସାହୁ (୩୨) ଏବଂ ତାଙ୍କ ଝିଅ ଶାଲିନୀ ସାହୁ (୮), ଅଟୋରିକ୍ସା ଚାଳକଙ୍କ ସମେତ ମୋଟ ୬ଜଣ ଆହତ ହୋଇଥିଲେ। ମୁଷାପାପୁଲିରେ ଧାନମଣ୍ଡି ଉଦ୍‌ଘାଟନ କରି ଫେରୁଥିବାବେଳେ ଉପଜିଲାପାଳଙ୍କ ନଜରରେ ଏହା ପଡ଼ିଥିଲା। ଏକ ଜରୁରୀ ବୈଠକ ଥିବା ସତ୍ତ୍ୱେ ଉପଜିଲାପାଳ ମାନବିକତାର ପରିଚୟ ଦେଖାଇ ତୁରନ୍ତ ୪ ଯାତ୍ରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଏଥିସହ ସେମାନଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଡାକ୍ତରଙ୍କୁ ପରାମର୍ଶ ଦେଇଥିଲେ। ଏ ନେଇ ଉପଜିଲାପାଳ କହିଛନ୍ତି, ଧାନମଣ୍ଡି ଉଦ୍‌ଘାଟନ କରି ଫେରିବା ସମୟରେ ଏକ ଅଟୋରିକ୍ସା ଦୁର୍ଘଟଣାର ଶିକାର ହୋଇଥିଲା। ତେଣୁ ସେ ତୁରନ୍ତ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଥିଲେ।

# ୩ ସ୍ଥାନରେ ମଣ୍ଡି ଆରମ୍ଭ

**ଅନୁଗୋଳ ଅଫିସ୍/ ଛେଣ୍ଡିପଦା (ସ୍ୱ.ପ୍ର.), ୨୭।୧୨**

ଅନୁଗୋଳ ଜିଲାର ୩ ସ୍ଥାନରେ ମଙ୍ଗଳବାର ମଣ୍ଡି ଆରମ୍ଭ ହୋଇଛି। ମୁଷାପାପୁଲିସ୍ଥିତ ମା' ଶାରଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ମଣ୍ଡିରେ ଧାନ ସଂଗ୍ରହ ଶୁଭାରମ୍ଭ ହୋଇଛି। ଉପଜିଲାପାଳ ବୈଦୁରା ଦୀପ ଏହାର ଉଦ୍‌ଘାଟନ କରିଥିଲେ। ଜିଲାରେ ୯୫ଟି ମଣ୍ଡିକୁ କୃଷି ସମବାୟ ସମିତି ପରିଚାଳନା କରୁଥିବାବେଳେ ୫ ମଣ୍ଡିକୁ ଏସ୍‌ଏଚ୍‌ଜି ପରିଚାଳନା କରୁଛି। ମା' ଶାରଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି, ସମ୍ପାଦକଙ୍କ ସମେତ ୧୦ ସଦସ୍ୟ ଧାନ ସଂଗ୍ରହ ଦାୟିତ୍ୱରେ ଅଛନ୍ତି। ତହସିଲଦାର ବିମଳ ଲେଙ୍କା, ଆର୍‌ଆଇ ସୁବ୍ରତ ପ୍ରଧାନ, ଟିକନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଛେଣ୍ଡିପଦା ବ୍ଲକ କୋଶଳା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମବାୟ ସମିତି ସଭାପତି ଅମ୍ବିକା ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଜିଲାପରିଷଦ ସଭ୍ୟ ପ୍ରଦୀପ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ କୋଶଳା ସମବାୟ ସମିତିର ୧୫ଜଣ ଚାଷୀଙ୍କଠାରୁ ୩୬୮ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ସେହିପରି ରାମଚନ୍ଦ୍ରପୁର ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି। ସଭାପତି ରାକେଶ କୁମାର ନାଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟାଙ୍ଗିରି ସରପଞ୍ଚ ଅମରେଶ ନାଥ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ଚାଷୀଙ୍କଠାରୁ ୬୦୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲ। ଏହି କାର୍ଯ୍ୟକ୍ରମରେ ସମିତି ସମ୍ପାଦକ ଯୋଗେଶ୍ୱର ଦାଶ, ସମବାୟ ସମିତି ପରିଚାଳନା ପରିଷଦର ସମସ୍ତ ସଦସ୍ୟ, ଧାନ ବିକ୍ରୟ କମିଟି ସଦସ୍ୟଙ୍କ ସମେତ ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ଥିଲେ।


କୋଶଳା ଧାନ ମଣ୍ଡିକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

# ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

**ଅନୁଗୋଳ ଅଫିସ, ୨୭।୧୨**


ଜିଲାପାଳ ସ୍ମାର୍ଟପାର୍କ ସ୍ଥଳ ପରିଦର୍ଶନ କରୁଛନ୍ତି।

ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମଙ୍ଗଳବାର ପାଲଲହଡ଼ା ଗସ୍ତ କରି ବିକାଶମୂଳକ କାର୍ଯ୍ୟର ତଦାରଖ କରିଛନ୍ତି। ଜିଲାପାଳ ପ୍ରଥମେ ତହସିଲ ଅଫିସ, ଆଇସିଡିଏସ୍ କାର୍ଯ୍ୟାଳୟରେ ନଥିପତ୍ର ଯାଞ୍ଚ କରିଥିଲେ। ତୃଣମୂଳସ୍ତରରେ କାର୍ଯ୍ୟକାରୀ ହେଉଥିବା ଯୋଜନାର ଯେପରି ସଫଳ ରୂପାୟନ ହୋଇପାରିବ ସେ ସଂକ୍ରାନ୍ତରେ ସମୀକ୍ଷା କରିଥିଲେ। ଏହି ଅବସରରେ ଜିଲାପାଳ ଗୋଡ଼ିବନ୍ଧଠାରେ ପ୍ରସ୍ତାବିତ ସ୍ମାର୍ଟ ପାର୍କ ସ୍ଥାନ ପରିଦର୍ଶନ କରିଥିଲେ। ଉପଖଣ୍ଡ ଏବଂ ତହସିଲ କାର୍ଯ୍ୟାଳୟର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରସ୍ତୁତି

**ଛେଣ୍ଡିପଦା, ୨୭।୧୨(ସ୍ୱ.ପ୍ର.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁଗୋଳ ଗସ୍ତକୁ ନେଇ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ମୁଖ୍ୟମନ୍ତ୍ରୀ ତଥା ଦଳୀୟ ସଭାପତିଙ୍କ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ମଙ୍ଗଳବାର ଛେଣ୍ଡିପଦା ଡାକବଙ୍ଗଳାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ଗଡ଼ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ୨୯ ତାରିଖ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାକୁ ଆଲୋଚନା କରିଥିଲେ। ଜିଲା ପରିଷଦ ସଦସ୍ୟ ପ୍ରଦୀପ ସାହୁ , ନଗେନ ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ନାରାୟଣ ସାହୁ, ସରପଞ୍ଚ ବାବୁଲା ପ୍ରଧାନ, ଅମରେଶ ନାଥ, ଜନ୍ମେଜୟ ମାଝି, ମନୋଜ ସେଠୀ, ସୁଶାନ୍ତ ସାହୁ, ପୂର୍ବତନ ସରପଞ୍ଚ ବିଜୟ ଗଡ଼ନାୟକ, ଯୋଗେଶ୍ୱର ସାହୁ, ପ୍ରଦୀପ ଗଡନାୟକ, ଜୟନ୍ତ ସାହୁ, ସହଦେବ ସାହୁ, ବିନୟ ସାହୁଙ୍କ ସମେତ ୩୪ ପଞ୍ଚାୟତର କର୍ମୀ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଭାରେ ଛେଣ୍ଡିପଦା ନିର୍ବାଚନମଣ୍ଡଳୀରୁ ୧୦ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେବେ ବୋଲି ନିଷ୍ପତ୍ତି ହୋଇଛି।


ବୈଠକରେ ବିଧାୟକଙ୍କ ସମେତ ବିଜେଡି କର୍ମକର୍ତ୍ତାମାନେ।

# ମଦ ଡିପୋକୁ ମହିଳାଙ୍କ ବିରୋଧ

**ଅନୁଗୋଳ ଅଫିସ୍, ୨୭।୧୨**

ଅନୁଗୋଳ ଜିଲା ଜରପଡ଼ା ଥାନା ଦୁର୍ଗାପୁରଠାରେ ପ୍ରସ୍ତାବିତ ଅତ୍ୟାଧୁନିକ ମଦ ଡିପୋକୁ ମହିଳା ସାଂସ୍କୃତିକ ସଙ୍ଗଠନ ଦୃଢ଼ ବିରୋଧ କରିଛି। ଏହାର ପ୍ରତିବାଦରେ ସଙ୍ଗଠନର ସଦସ୍ୟାମାନେ ମଙ୍ଗଳବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଜିଲା ସଭାନେତ୍ରୀ ମନ୍ଦୋଦରୀ ରାଉଳଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ନଗର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଜିଲା ସମ୍ପାଦିକା ମାନସୀ ସ୍ୱାଇଁ, ସରୋଜିନୀ ନାୟକ ପ୍ରମୁଖ ସରକାରଙ୍କ ମଦ ନୀତିକୁ ଦୃଢ଼ ବିରୋଧ କରିଥିଲେ। ଉକ୍ତ ସ୍ଥାନରେ ମଦ ଡିପୋ ହେଲେ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେବ। ପାରିବାରିକ ଅଶାନ୍ତି ବଢ଼ିବ। ପିଲାଠାରୁ ବୟସ୍କ ସମସ୍ତେ ଊଣା ଅଧିକେ ପ୍ରଭାବିତ ହେବେ। ଜରପଡା ଭଳି ଏକ କୃଷି ବହୁଳ ଅଞ୍ଚଳରେ ଶୀତଳଭଣ୍ଡାର ବଦଳରେ ମଦ ଡିପୋ କରିବା ପରିତାପର ବିଷୟ ବୋଲି ମତପ୍ରକାଶ ପାଇଥିଲା। ଶେଷରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ନାରୀନେତ୍ରୀ ପ୍ରଗତିବାଳା ନାୟକ, ପ୍ରତିମା ବେହେରା, ସୁରୁଚୀ ପ୍ରଧାନ, ଜେମାମଣି ନାଏକ, ମିନତୀ ସାମଲ, ନିର୍ମଳା ପ୍ରଧାନ, ପଙ୍କଜିନୀ ସିଂ, ବବିତା ସାହୁ, ସୁକାନ୍ତି ପ୍ରଧାନ, ବସୁମତୀ ସାହୁ, ବିନତୀ ସାହୁ, ଜମ୍ବୁବତୀ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।



ବିକ୍ଷୋଭ ଶୋଭାଯାତ୍ରାରେ ସଙ୍ଗଠନର ମହିଳାମାନେ।

